ରମେଶ ଚନ୍ଦର

ବନାମ

ଶ୍ରୀମତୀ ସାବିତ୍ରୀ

ଜାନୁଆରୀ 13, 1995

[ଆର୍.ଏମ୍. ସାହାଇ ଏବଂ ଏସ୍.ବି. ମଜମୁଦାର, ନ୍ୟାୟମୂର୍ତ୍ତିଦ୍ୱୟ]

*ବ୍ୟକ୍ତିଗତ ଆଇନ -ବିବାହ ନିଷ୍ପ୍ରଭ - ଆବେଗିକ ଏବଂ ବ୍ୟବହାରିକ ଭାବେ -ଆବେଦନକାରୀ ଉତ୍ତରଦାତାଙ୍କ ନାମରେ ଘର ହସ୍ତାନ୍ତର କଲେ, ବିବାହ ଭଗ୍ନ ହେବ ।*

*ଭାରତର ସମ୍ବିଧାନ - ଅନୁଚ୍ଛେଦ 142 -ବିବାହ ନିଷ୍ପ୍ରଭ, ଆବେଗିକ ଏବଂ ବ୍ୟବହାରିକ ଭାବରେ – ଭଗ୍ନ ହେଲା -ଗୃହ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ।*

**ଆବେଦନକାରୀ ଜଣେ ପରିମଳ ନିରୀକ୍ଷକ ଯିଏ ଜଣେ ଶିକ୍ଷକ ଥିବା ଉତ୍ତରଦାତାଙ୍କୁ ବିବାହ କରିଛନ୍ତି । ସେମାନଙ୍କର ସନ୍ତାନ 1968 ମସିହାରେ ଜନ୍ମ ହୋଇଥିଲା । 1980 ମସିହା ଏପ୍ରିଲ 23 ତାରିଖର ଏକ ପୂର୍ବ ଆଦେଶ ଅନୁଯାୟୀ, ଏହି ନ୍ୟାୟାଳୟ ଆବେଦନକାରୀଙ୍କ ବିରୁଦ୍ଧରେ ତ୍ୟାଗ କରିଥିବାର ପ୍ରଶ୍ନ ପାଇଥିଲେ । ବର୍ତ୍ତମାନର ଆବେଦନ ନିର୍ଯ୍ୟାତନା ଉପରେ ଆଧାରିତ ଏକ ଆବେଦନରୁ ଉତ୍ପନ୍ନ ହୋଇଛି । ଉତ୍ତରଦାତା ଆବେଦନକାରୀଙ୍କ ଚରିତ୍ର ଉପରେ ଗମ୍ଭୀର ଆକ୍ଷେପ କରିଛନ୍ତି, ଯଥା ଉତ୍ତରଦାତାଙ୍କ ଉପସ୍ଥିତିରେ ଅବାଞ୍ଛିତ ଝିଅମାନଙ୍କ ସହ ମିଶିବା । ତେବେ, ସାକ୍ଷ୍ୟ ଦ୍ୱାରା ତାହା ପ୍ରତିଷ୍ଠିତ ହୋଇପାରି ନଥିଲା ।**

**ଆବେଦନଟିର ଫଇସଲା କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ :ବିବାହ ଉଭୟ ଭାବପ୍ରବଣ ଏବଂ ବ୍ୟବହାରିକ ଭାବରେ ନିଷ୍ପ୍ରଭ । ନାମମାତ୍ର ପାଇଁ ବୈବାହିକ ସମ୍ପର୍କ ଜାରି ରଖିବା ଦ୍ୱାରା ପକ୍ଷଗୁଡ଼ିକର ଯନ୍ତ୍ରଣା ଏବଂ ଦୁଃଖ ଦୀର୍ଘାୟିତ ହେଉଛି । ଆବେଦନକାରୀ 4 ମାସର ଅବଧି ମଧ୍ୟରେ ଉତ୍ତରଦାତାଙ୍କ ନାମରେ ଘର ସ୍ଥାନାନ୍ତର କରିବା ଉପରେ ବିବାହ ଭଗ୍ନ ହେବ । ଗୃହ ହସ୍ତାନ୍ତର ହେବା ଏବଂ ଉତ୍ତରଦାତାଙ୍କୁ ଦଖଲ ହସ୍ତାନ୍ତର କରାଯିବା ଦିନଠାରୁ ଏହି ଭଙ୍ଗ କାର୍ଯ୍ୟକାରୀ ହେବ ।**

*ଭି. ଭଗତ ବନାମ ଡି. ଭଗତ (ଶ୍ରୀମତୀ),* **[1994] 1 ଏସ.ସି.ସି. 337 ଏବଂ** *ଚନ୍ଦ୍ରକଳା ତ୍ରିବେଦୀ (ଶ୍ରୀମତୀ) ବନାମ ଡ. ଏସ.ପି. ତ୍ରିବେଦୀ,* **[1993] 4 ଏସ.ସି.ସି. 232 ଉପରେ ନିର୍ଭରଶୀଳତା ରଖାଯାଇଥିଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 714/1995 ।

ଏଲ୍.ପି.ଏ. ସଂଖ୍ୟା 179/86ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 1994 ମସିହା ମାର୍ଚ୍ଚ ମାସ 9 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ବଳଦେବ ଆତ୍ରେୟ ଏବଂ ପ୍ରବୀଣ ଜୈନ ।

ଉତ୍ତରଦାତାମାନଙ୍କ ପାଇଁ ଡି.ଭି. ସେହଗଲ୍, ଅନନ୍ତ ଭି. ପାଲ୍ଲି, ଅତୁଲ ଶର୍ମା ଏବଂ ଶ୍ରୀମତୀ ରେଖା ପାଲ୍ଲି ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

ନ୍ୟାୟମୂର୍ତ୍ତି ଆର୍.ଏମ୍. ସାହାଇଙ୍କ ଦ୍ୱାରା । ଏକ ବିବାହ ଯାହା ଅନ୍ୟଥା ଭାବପ୍ରବଣ ଏବଂ ବ୍ୟବହାରିକ ଭାବରେ ମୃତ ତାହାକୁ କେବଳ ନାମମାତ୍ର ପାଇଁ ଜାରି ରଖାଯିବ କି, ଏହା ଏହି ଆବେଦନରେ ବିଚାର ପାଇଁ ପ୍ରସଙ୍ଗ ଅଟେ ।

ପଚିଶ ବର୍ଷ ବିତିଗଲାଣି ଆବେଦନକାରୀ, ଜଣେ ପରିମଳ ନିରୀକ୍ଷକ, ଏବଂ ଉତ୍ତରଦାତା, ତାଙ୍କ ପତ୍ନୀ - ଜଣେ ଶିକ୍ଷୟିତ୍ରୀ, ପତି-ପତ୍ନୀ ଭାବରେ ପରସ୍ପର ସହିତ ସମ୍ପର୍କରେ ଅଛନ୍ତି । ଏହି 25 ବର୍ଷ ମଧ୍ୟରେ ଏହା ଦ୍ୱିତୀୟ ପର୍ଯ୍ୟାୟ ମକଦ୍ଦମା ଯାହା ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ମାଧ୍ୟମରେ ଏହି ନ୍ୟାୟାଳୟରେ ପହଞ୍ଚିଛି । ତ୍ୟାଗ କରିଥିବା ଉପରେ ପ୍ରତିଷ୍ଠିତ ପୂର୍ବବର୍ତ୍ତୀଟି 23 ଏପ୍ରିଲ 1980 ରେ ସ୍ୱାମୀଙ୍କ ବିରୋଧରେ ଏହି ନ୍ୟାୟାଳୟ ଦ୍ୱାରା ନିଷ୍ପତ୍ତି ନିଆଯାଇଥିଲା । ଏହି ଆବେଦନ ନିର୍ଯ୍ୟାତନା ଉପରେ ଆଧାରିତ । ନିମ୍ନସ୍ଥ ଉଭୟ ଅଦାଲତ ଜାଣିବାକୁ ପାଇଛନ୍ତି ଯେ ଯଦିଓ ପତ୍ନୀ ତାଙ୍କ ଦ୍ୱାରା ପୂର୍ବରୁ ଦାଖଲ ହୋଇଥିବା ଲିଖିତ ବିବରଣୀରେ ଆବେଦନକାରୀଙ୍କ ଚରିତ୍ର ଉପରେ ଗମ୍ଭୀର ଆକ୍ଷେପ କରିଥିଲେ ଏବଂ ଅଭିଯୋଗ କରିଥିଲେ ଯେ ସେ ଉତ୍ତରଦାତାଙ୍କ ସମ୍ମୁଖରେ ଅବାଞ୍ଛିତ ଝିଅମାନଙ୍କ ସହ ମିଶିବାର ଅଭ୍ୟାସରେ ଥିଲେ, ତଥାପି ଯେହେତୁ କୌଣସି ସାକ୍ଷ୍ୟ ଦିଆଯାଇ ନଥିଲା କିମ୍ବା ଫଳସ୍ୱରୂପ ଏହା ପ୍ରମାଣିତ ହୋଇନଥିଲା, ନିର୍ଯ୍ୟାତନା ଉପରେ ଛାଡପତ୍ର ଦାବି କରିବା ପାଇଁ ଏହାକୁ ଆଧାର କରାଯାଇପାରିବ ନାହିଁ ।

*ଭି. ଭଗତ ବନାମ ଡି. ଭଗତ (ଶ୍ରୀମତୀ),* [1994] 1 ଏସ.ସି.ସି. 337 ମାମଲାରେ ଏହି ନ୍ୟାୟାଳୟ ଉଭୟ ମାନସିକ ଏବଂ ଶାରୀରିକ ନିଷ୍ଠୁରତାର ଧାରଣାକୁ ବ୍ୟାଖ୍ୟା କରିଛନ୍ତି ଯାହା ହିନ୍ଦୁ ବିବାହ ଅଧିନିୟମ, 1955 ର ଧାରା 13 (1) (i-a) ଅନୁଯାୟୀ ଛାଡପତ୍ର ଦାବି କରିବାକୁ ଜଣେ ଦରଖାସ୍ତକାରୀଙ୍କୁ ଅଧିକାର ଦେଇପାରେ । *ଚନ୍ଦ୍ରକଳା ତ୍ରିବେଦୀ (ଶ୍ରୀମତୀ) ବନାମ ଡ. ଏସ.ପି. ତ୍ରିବେଦୀ,* [1993] 4 ଏସ.ସି.ସି. 232ରେ ଏହା କୁହାଯାଇଥିଲା ଯେ ଯଦି କୌଣସି ବିବାହ ନିଷ୍ପ୍ରଭ ହୋଇସାରିଛି ଏବଂ ଏହାର

ପୁନରୁଦ୍ଧାର ହେବାର କୌଣସି ସମ୍ଭାବନା ନାହିଁ, ତେବେ ଏହାକୁ ସମାପ୍ତ କରିବା ଭଲ । ଏହି କ୍ଷେତ୍ରରେ ବିବାହ ଉଭୟ ଭାବପ୍ରବଣ ଏବଂ ବ୍ୟବହାରିକ ଭାବରେ ନିଷ୍ପ୍ରଭ ହୋଇଛି । ନାମମାତ୍ର ପାଇଁ ବୈବାହିକ ସମ୍ପର୍କ ଜାରି ରଖିବା ଯନ୍ତ୍ରଣା ଏବଂ ଦୁଃଖକୁ ଦୀର୍ଘାୟିତ କରୁଛି । ଏଥିରେ କୌଣସି ବିବାଦ ନାହିଁ ଯେ ସ୍ୱାମୀ ତାଙ୍କ ପତ୍ନୀ କିମ୍ବା ପୁଅ ପ୍ରତି ଥିବା ଦାୟିତ୍ୱ ପ୍ରତି କର୍ତ୍ତବ୍ୟପରାୟଣ ଏବଂ ସଚେତନ ନୁହନ୍ତି । ଶିଶୁର ଲାଳନପାଳନ ଦିଗରେ ତାଙ୍କର କିଛି ଅବଦାନ ନଥିଲା । ତଥାପି ବିବାହ ନିଷ୍ପ୍ରଭ ହୋଇଥିବାରୁ, ଏହାର ଜାରି ରଖିବା ନିର୍ଯ୍ୟାତନା ହେବ, ବିଶେଷ କରି ଯେତେବେଳେ ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ବିବାହରୁ 1968ରେ ଜନ୍ମ ହୋଇଥିବା ପିଲା ବର୍ତ୍ତମାନ ବଡ଼ ହୋଇ ଚାକିରିରେ ଅଛନ୍ତି । ଆବେଦନକାରୀ ତାଙ୍କ ଆଚରଣ ପାଇଁ ଅନୁଶୋଚନା ପ୍ରକାଶ କରିଛନ୍ତି ଏବଂ ତାଙ୍କ ପତ୍ନୀଙ୍କ ସପକ୍ଷରେ ତାଙ୍କ ନାମରେ ଏକମାତ୍ର ଘର ହସ୍ତାନ୍ତର କରି ତାଙ୍କ ଅତୀତ ଭୁଲ ପାଇଁ କ୍ଷତିପୂରଣ ଦେବାକୁ ପ୍ରସ୍ତୁତ ଅଛନ୍ତି ।

ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ବିଚାରକୁ ନେଇ ଆମେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 142 ଅନୁଯାୟୀ କ୍ଷମତା ପ୍ରୟୋଗ କରି, ନିର୍ଦ୍ଦେଶ ଦେଉଛୁ ଯେ ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ମଧ୍ୟରେ ବିବାହ, ଆବେଦନକାରୀ ତାଙ୍କ ପତ୍ନୀଙ୍କ ନାମରେ ଗୃହ ହସ୍ତାନ୍ତର କରିବା ସହିତ ଭଙ୍ଗ ହେବ । ଆଜିଠାରୁ ଚାରି ମାସ ମଧ୍ୟରେ ଗୃହ ହସ୍ତାନ୍ତର କରାଯିବ । ଗୃହ ହସ୍ତାନ୍ତର ହେବା ଏବଂ ଉତ୍ତରଦାତାଙ୍କୁ ଦଖଲ ପ୍ରଦାନ କରାଯିବା ଦିନଠାରୁ ଏହି ଭଙ୍ଗ ଲାଗୁ ହେବ ।

ସେହି ଅନୁଯାୟୀ ଆବେଦନଟିର ଫଇସଲା କରାଯାଇଛି । ପକ୍ଷମାନେ ନିଜସ୍ୱ ଖର୍ଚ୍ଚ ବହନ କରିବେ ।

ଏ.ଜି. ଆବେଦନ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।